

# ସତ୍ୟବାକ୍ୟ

# THE WORD OF TRUTH

**MAR - APR 2021**

An Oriya Bimonthly Bulletin published by the

**CHURCH OF CHRIST**

# THE VOICE OF TRUTH

Edited and Published By

***Joshua & Kabita Gootam***

**CHURCH OF CHRIST**

P.O. Box - 80, Kakinada, A.P. 533 001.

Ph : 0884-2363722

**Vol-27. March&April. 2021. No.2**

*Published every two months in Oriya language for the Restoration of the pure New Testament Christianity*

## ALTER

Gen4:4:-"ABEL also brought of the firstlings of his flock and their fats.And the LORD respected Abel and his offering.

Gen 8:20:-"And NOAH bulit an alter to the LORD,and took of every clean animal and of bird and offered burnt offerings on the alter."

Gen12:7:-"Then the LORD appeared to Abram and said,'To your descendents I will give this land,"And there he built an alter to the LORD,who appeared to him."(Gen12:8;13:4).Abraham built an alter on mount Moriah to sacrifice his beloved son,as per the command of the LORD.Centuries later his descendent King David built an alter to the LORD on the same place.(2Sam 24:15-25).Years later his son King Solomon built the Holy temple on mount Moriah
Gen26:25):-"So he(Isaac) built an alter there and called on the name of the. LORD and he pitched a tent there,...."

Gen33:17-20):"....And JACOB came safely to the city of Shechem,.....Then he effected an alter there, and called El Elohe Israel(God,the God of Israel)And read Gen 35:7)
Exodus17:14:-"And Moses built an alter and called it's name,The LORD-Is-My-Banner(Jehovah Nissi)
1 King 18:21-40:-Prophet EILIJAH built an alter on the mount Carmel and challenged the false prophet of King Ahab

# ସତ୍ୟବାଣୀ
# VOICE OF TRUTH

**VOL - XXVII KAKINADA MAR-APR-2021**


## ଆଲୋକ ପଥ ଦେଖାଏ । (ମାଥିଉ ୨:୧-୧୨)
## (Light Leads the Way)

ଯୀଶୁଖ୍ରୀଷ୍ଟଙ୍କ ବେଥଲିହିମରେ ଜନ୍ମଗ୍ରହଣ କରିବା ପରେ, ପୂର୍ବ ଦେଶୀୟ ପଣ୍ଡିତମାନେ ଯିରୁଶାଲମକୁ ଆସି କହିଲେ...''ଯିହୂଦୀମାନଙ୍କର ଯେଉଁ ରାଜା ଜନ୍ମଗ୍ରହଣ କରିଅଛନ୍ତି, ସେ କେଉଁଠାରେ ? କାରଣ ଆମ୍ଭେମାନେ ତାହାଙ୍କ ତାରା ଦେଖି ତାହାଙ୍କୁ ପ୍ରଣାମ କରିବାକୁ ଆସିଅଛୁ ।'' ...ଆଉ ଦେଖ, ପୂର୍ବ ଦେଶରେ ଯେଉଁ ତାରା ଦେଖିଥିଲେ, ତାହା ସେମାନଙ୍କ ଆଗେ ଯାଇ, ଯେଉଁଠାରେ ଶିଶୁଥିଲେ, ସେହି ସ୍ଥାନରେ ସ୍ଥଗିତ ହେଲା ।'' (ମାଥିଉ ୨:୧-୧୨) । ଆକାଶର ସେହି ତାରା ପୂର୍ବଦେଶୀୟ ପଣ୍ଡିତମାନଙ୍କୁ ଯୀଶୁଖ୍ରୀଷ୍ଟଙ୍କ ନିକଟକୁ କଢ଼ାଇ ନେଇଥିଲା, କିନ୍ତୁ ବର୍ତ୍ତମାନ ଯୀଶୁଖ୍ରୀଷ୍ଟଙ୍କ ନିକଟକୁ କଢ଼ାଇ ନେବାକୁ କୌଣସି ତାରାର ଆବଶ୍ୟକ ନାହିଁ ।

ଯୀଶୁ କହିଲେ, ''.....ମୁଁ ଜଗତର ଜ୍ୟୋତିଃ, ଯେ ମୋହର ଅନୁଗମନ କରେ, ସେ କେବେ ହେଁ ଅନ୍ଧକାରରେ ଭ୍ରମଣ କରିବ ନାହିଁ, ବରଂ ଜୀବନର ଜ୍ୟୋତି ପାଇବ ।'' (ଯୋହନ ୮:୧୨) । ଭାବବାଦୀ ଯିଶାଇୟ ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ସମୟ ବିଷୟରେ ପ୍ରକଟ କରି କହିଥିଲେ, ''ଯେଉଁ ଗୋଷ୍ଠୀ ଅନ୍ଧକାରରେ ଭ୍ରମଣ କଲେ, ସେମାନେ ମହା ଆଲୁଅ ଦେଖିଅଛନ୍ତି, ଯେଉଁମାନେ ମୃତ୍ୟୁଛାୟା ରୂପ ଦେଶରେ ବାସ କଲେ, ସେମାନଙ୍କ ଉପରେ ଦୀପ୍ତି ଉଦିତ ହୋଇଅଛି ।'' (୯:୨) । ଯୀଶୁଖ୍ରୀଷ୍ଟ ଏହି ଜଗତରେ ସୁସମାଚାର ପ୍ରଚାର କରିବା ସମୟରେ, ସେକାଳର ପ୍ରଜାମାନଙ୍କ ବିଷୟରେ ଲେଖାଯାଏ, ''ଅନ୍ଧକାରବାସୀ ଲୋକେ ମହା ଆଲୋକ ଦର୍ଶନ କଲେ, ଆଉ ମୃତ୍ୟୁର ଅଞ୍ଚଳ ଓ ଛାୟାରେ ଅବସ୍ଥିତ ଲୋକଙ୍କ ନିମନ୍ତେ ଆଲୋକ ଉଦିତ

ହେଲା ।'' (ମାଥିଉ ୪:୧୬) । ଆମ୍ଭମାନଙ୍କୁ ପରିତ୍ରାଣ ପ୍ରାପ୍ତି ନିମନ୍ତେ ଆଲୋକ ସ୍ୱରୂପ ଯୀଶୁଖ୍ରୀଷ୍ଟଙ୍କ ଅନୁଗମନ କରୁ ।

ଆମ୍ଭେମାନେ ସୁପଥରେ ଗମନ କରିବା ନିମନ୍ତେ ଆକାଶର ନକ୍ଷତ୍ର ଅନୁସରଣ କରିବା ଆବଶ୍ୟକ ନାହିଁ । କିନ୍ତୁ ଈଶ୍ୱରଙ୍କ ବାକ୍ୟ ଆମ୍ଭମାନଙ୍କ ପଥ ପ୍ରଦର୍ଶକ । ''ତୁମ୍ଭ ବାକ୍ୟ ମୋ ଚରଣ ମୋ ପାଇଁ ପ୍ରଦୀପ ଓ ମୋ ପଥ ପାଇଁ ଆଲୁଅ ଅଟେ ।'' (ଗୀତ ୧୧୯:୧୦୫) ''ତୁମ୍ଭ ବାକ୍ୟର ବିକାଶ ଆଲୁଅ ପ୍ରଦାନ କରେ; ତାହା ନିର୍ବୋଧକୁ ବୋଧ ଦିଏ ।'' (ଗୀତ ୧୧୯:୧୩୬)

**ଅଲୋକର ବିଶେଷତା :**

୧) **ଆଲୋକ ଉଜ୍ଜ୍ୱଳିତ କରେ :** ଆଲୋକ ପ୍ରଜ୍ଜ୍ୱଳ କରେ, ପ୍ରକାଶ କରେ, ପ୍ରେରିତ ପାଉଲ ଏଫିସୀ ମଣ୍ଡଳୀକୁ ଲେଖନ୍ତି, ''କିନ୍ତୁ ଯେ ସମସ୍ତ ବିଷୟର ଦୋଷ ଆଲୋକ ଦ୍ୱାରା ଦେଖାଇ ଦିଆଯାଏ, ସେହିସବୁ ପ୍ରକାଶିତ ହୁଏ, କାରଣ ଯାହାସବୁ ପ୍ରକାଶିତ ହୁଏ ଆଲୋକ । ଅନ୍ଧକାରରେ ରାସ୍ତା ଦେଖିବାକୁ ଆମ୍ଭେମାନେ ଲଣ୍ଠନ, ଦୀପ ଟର୍ଚ୍ଚ ଲାଇଟ୍ ପ୍ରଭୃତିର ବ୍ୟବହାର କରୁ ।

୨) **ଆଲୋକ ଅନ୍ଧକାର ଦୂର କରେ :** ଲେଖାଯାଏ, ''ପୃଥିବୀ ନିର୍ଜ୍ଜନ ଓ ଶୂନ୍ୟ ଥିଲା, ଆଉ ଗଭୀର ଜଳ ଉପରେ ଅନ୍ଧକାର ଥିଲା, ପୁଣି ପରମେଶ୍ୱରଙ୍କ ଆତ୍ମା ଜଳ ଉପରେ ବ୍ୟାପ୍ତ ଥିଲେ । ଅନନ୍ତର ପରମେଶ୍ୱର କହିଲେ, ଦୀପ୍ତି ହେଉ; ତହିଁରେ ଦୀପ୍ତି ହେଲା ।'' (ଆଦି ୧:୧-୨) ଅନ୍ଧକାର ଓ ଆଲୋକ ଏକତ୍ର ମିଳିତ ଭାବେ ରହି ନ ପାରେ, ''ଆଉ, ସେହି ବିଚାର ଏହି, ଜଗତରେ ଜ୍ୟୋତି ପ୍ରକାଶିତ ହୋଇଅଛି, ଆଉ ଲୋକମାନେ ଜ୍ୟୋତି ଅପେକ୍ଷା ବରଂ ଅନ୍ଧକାରକୁ ଭଲ ପାଇଲେ, ଯେଣୁ ସେମାନଙ୍କର କର୍ମ ସବୁ ମନ୍ଦ । କାରଣ ଯେକେହି କୁକର୍ମ କରେ, ସେ ଜ୍ୟୋତିକି ଘୃଣା କରେ । ପୁଣି କାଳେ ତାହାର କର୍ମ ପ୍ରକାଶିତ ହୁଏ, ଏଥିପାଇଁ ସେ ଜ୍ୟୋତି ନିକଟକୁ ଆସେ ନାହିଁ ।'' (ଯୋହ ୩:୧୯-୨୦) । ''ମନୁଷ୍ୟ ଅନ୍ଧକାରର ସୀମା ନିର୍ଣ୍ଣୟ କରେ ଓ ପ୍ରାନ୍ତ ସୀମା ପର୍ଯ୍ୟନ୍ତ ନିବିଡ଼ ଅନ୍ଧକାର ଓ ମୃତ୍ୟୁଛାୟା ସ୍ଥିତ ପ୍ରସ୍ତର ସବୁ ଅନୁସନ୍ଧାନ କରେ ।'' (ଆୟୁବ ୨୮:୩)

୩) **ଆଲୋକ ଉତ୍ସାହିତ କରେ : ଜ୍ଞାନୀ ଶଲୋମନ କହନ୍ତି,** ''ପ୍ରକୃତରେ ଆଲୁଅ ସୁଃଖଦାୟକ, ପୁଣି ସୂର୍ଯ୍ୟ ଦର୍ଶନ ତୃପ୍ତିକର ।'' (ଉପଦେଶକ ୧୧:୭) । ପ୍ରଭାତରେ ସୂର୍ଯ୍ୟ ଦେଖି, ସଦାପ୍ରଭୁଙ୍କ ପ୍ରଶଂସା କରିଥାଉ । ଗୀତ କାରକ କହନ୍ତି, ''ରୋଦନ ରାତ୍ରୀ ପାଇଁ ପ୍ରକାଶ କରିପାରେ, ମାତ୍ର ପ୍ରାତଃକାଳରେ ଆନନ୍ଦ ଆସେ ।'' (ଗୀତ ୩୦:୫) । ଖ୍ରୀଷ୍ଟିୟାନ ଅନ୍ୟମାନଙ୍କ ଜୀବନରେ ଆନନ୍ଦ ଆଣନ୍ତି । (ରୋମୀୟ ୧୨:୧୪-୧୬)

୪) **ଆଲୋକ ପଥ କଢ଼ାଏ:** ଇଶ୍ରାଏଲ ଜାତି ମିସରରୁ ବାହାରି କିଣାନ ଦେଶ ଯିବା ସମୟରେ ପ୍ରାନ୍ତରରେ ସଦାପ୍ରଭୁଙ୍କଦୀପ୍ତି ସେମାନଙ୍କ କଢ଼ାଇ ନେଇଥିଲା, ''ସେମାନେ ଯେପରି ଦିବସରେ ଓ ରାତ୍ରୀରେ ଯାତ୍ରା କରିପାରିବେ, ଏଥିପାଇଁ ସଦାପ୍ରଭୁ ଦିବସରେ ପଥ କଢ଼ାଇବା ନିମନ୍ତେ ମେଘ ସ୍ତମ୍ଭରେ ଓ ରାତ୍ରୀରେ ଦୀପ୍ତି ଦେବା ନିମନ୍ତେ ଅଗ୍ନି ସ୍ତମ୍ଭରେ ଥାଇ ସେମାନଙ୍କ ଆପେ ଆପେ ବିଜେ କଲେ.....'' (ଯାତ୍ରା ୧୩:୨୧) ଖ୍ରୀଷ୍ଟିୟାନମାନେ ଅନ୍ୟମାନଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ କଢ଼ାଇ ଆଣନ୍ତି, ଜ୍ଞାନୀ ଶଲୋମନ କହନ୍ତି, ''ପୁଣି ଯେ ଜ୍ଞାନବାନ, ସେ (ଅନ୍ୟମାନଙ୍କର) ଆତ୍ମା ଲାଭ କରେ ।'' (ହିତ ୧୧:୩୦) ''ଆଉ, ଯେଉଁମାନେ ଜ୍ଞାନବାନ, ସେମାନେ ଆକାଶର ଦୀପ୍ତିର ତୁଲ୍ୟ ଓ ଯେଉଁମାନେ ଅନେକଙ୍କୁ ଧର୍ମ ପ୍ରତି ଫେରାଇ ଆଣନ୍ତି, ସେମାନେ ତାରାଗଣର ତୁଲ୍ୟ ଅନନ୍ତକାଳ ପର୍ଯ୍ୟନ୍ତ ତେଜସ୍ୱୀ ହେବେ ।'' (ଦାନି ୧୨:୩)

୫) **ଆମ୍ଭମାନଙ୍କ ଆଲୋକ ଆମ୍ଭେମାନେ କିପରି ବିକଶିତ କରୁ : ପର୍ବତ** ଉପଦେଶରେ ଯୀଶୁ କହିଲେ, ''ସେହି ପ୍ରକାରେ ତୁମ୍ଭମାନଙ୍କର ଆଲୋକ ଲୋକଙ୍କ ସାକ୍ଷାତରେ ପ୍ରକାଶ ପାଉ, ଯେପରି ସେମାନେ ତୁମ୍ଭମାନଙ୍କ ସତ୍କର୍ମ ଦେଖି ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କର ମହିମା କୀର୍ତ୍ତନ କରିବେ ।'' (ମାଥିଉ ୫:୧୬) । ''ପୁଣି, ଶାନ୍ତିକାରକ ଲୋକମାନଙ୍କ ଦ୍ୱାରା ଧର୍ମରୂପ ଫଳର ବୀଜ ଶାନ୍ତିରେ ବୁଣାଯାଏ ।'' (୧ମ ପିତର ୩:୧୮) । ଈଶ୍ୱରଙ୍କ ଅନୁଯାୟୀ ଖ୍ରୀଷ୍ଟଙ୍କ ଅନୁକରଣକାରୀମାନେ ଜଗତର ଆଲୋକ ଅଟନ୍ତି । (ମାଥିଉ ୫:୧୬) ''ଯେପରି ତୁମ୍ଭେମାନେ ନିର୍ଦ୍ଦୋଷ ଓ ଅମାୟିକ ହୋଇ ଏହି

କୁଟିଳ ବିପଥଗାମୀ ବଂଶ ମଧ୍ୟରେ ଈଶ୍ୱରଙ୍କ ଅନିନ୍ଦନୀୟ ସନ୍ତାନସନ୍ତତି ହୁଅ । ସେମାନଙ୍କ ମଧ୍ୟରେ ତୁମ୍ଭେମାନେ ଜୀବନର ବାକ୍ୟ ଧରି ଜଗତରେ ଜ୍ୟୋତି ସ୍ୱରୂପ ପ୍ରକାଶ ପାଉଅଛ ।'' (ଫିଲିପ ୨:୧୫)

ଆମ୍ଭେମାନେ ଯାହା କରୁ ପରମେଶ୍ୱରଙ୍କ ମହିମା ନିମନ୍ତେ କରୁ (ଏଫିସୀ ୩:୨୧) । ଏବ୍ରୀ ପୁସ୍ତକ କର୍ତ୍ତା ଲେଖନ୍ତି, ''ଅତଏବ ଏତେ ବୃହତ ମେଘ ତୁଲ୍ୟ ସାକ୍ଷୀମାନଙ୍କ ଦ୍ୱାରା ବେଷ୍ଟିତ ହେବାରୁ ଆସ, ଆମ୍ଭେମାନେ ପ୍ରତ୍ୟେକ ଭାର ଓ ସହଜରେ ବେଷ୍ଟନକାରୀ ପାପ ପରିତ୍ୟାଗ କରି ବିଶ୍ୱାସର ନେତା ଓ ସିଦ୍ଧିଦାତା ଯୀଶୁଙ୍କୁ ଲକ୍ଷ୍ୟ କରି ଧୈର୍ଯ୍ୟ ସହକାରେ ଆମ୍ଭମାନଙ୍କ ଗନ୍ତବ୍ୟ ପଥରେ ଧାବମାନ ହେଉ ।'' (ଏବ୍ରୀ ୧୨:୧)

***- Joshua Gootam***

❋❋❋

## ଆମ୍ଭେମାନେ କାହିଁକି ଉପାସନାରେ ଉପସ୍ଥିତ ରହୁ ?
## (Why Do we attend Worship ?)

ସର୍ବପ୍ରଥମେ, ଆମ୍ଭେମାନେ ସର୍ବପୋରିସ୍ଥ, ସର୍ବଶକ୍ତିମାନ ଓ ସର୍ବବ୍ୟାପୀ ପରମେଶ୍ୱରଙ୍କ ଉପାସନା କରୁ । ସେ ଆମ୍ଭମାନଙ୍କ ସୃଷ୍ଟିକର୍ତ୍ତା, ସଂରକ୍ଷଣକର୍ତ୍ତା ଓ ପରିତ୍ରାଣଦାତା । ସେ ଏକମାତ୍ର ପ୍ରଶଂସାର ପାତ୍ର, ଆମ୍ଭେମାନେ ତାହାଙ୍କ ଉପାସନା କରୁ । ମଣ୍ଡଳୀ ଆମ୍ଭମାନଙ୍କ ଏକ ଗମ୍ୟ ସ୍ଥଳ ନୁହେଁ, କିନ୍ତୁ ଏକ ପରିବାର, ଯାହାର ଆମ୍ଭେମାନେ ପ୍ରତ୍ୟେକ ଏକ ଏକ ସଭ୍ୟ ।

ଯୋହନ ୪:୨୪ରେ କୁହାଯାଏ, ''ଈଶ୍ୱର ଆତ୍ମା, ପୁଣି ଯେଉଁମାନେ ତାହାଙ୍କର ଉପାସନା କରନ୍ତି, ଆତ୍ମାରେ ଓ ସତ୍ୟରେ ଉପାସନା କରିବା ଉଚିତ ।'' (ମଣ୍ଡଳୀରେ ଆମ୍ଭେମାନେ ତାହାଙ୍କ ଦତ୍ତ ଆଜ୍ଞାନୁଯାୟୀ ଉପାସନା କରୁ, କିନ୍ତୁ ମନୁଷ୍ୟମାନଙ୍କ ପ୍ରଥାନୁଯାୟୀ ନୁହେଁ । (ମାଥିଉ ୧୫:୯) । ଆମ୍ଭେମାନେ ସତ୍‌ହୃଦୟ ସହ ତାହାଙ୍କ ଉପାସନା କରୁ, କିନ୍ତୁ ମାନବିକ ପ୍ରଥାନୁଯାୟୀ ସତ୍ୟ ଓ ଆତ୍ମାରେ ଅର୍ପିତ ଉପାସନା ହିଁ, ତାହାଙ୍କ ଗ୍ରାହ୍ୟ ଯୋଗ୍ୟ । ତାହାଙ୍କ ବାକ୍ୟାନୁଯାୟୀ ନଥିବା ଅର୍ପିତ ପ୍ରାର୍ଥନା ବ୍ୟର୍ଥ ଉପାସନା । (ଯୋହନ ୪:୨୩) । ଉପାସନା ନିମନ୍ତେ ଆମ୍ଭମାନଙ୍କ

ଆତ୍ମା ଓ ମନକୁ ପ୍ରସ୍ତୁତ କରୁ । ପ୍ରଭୁଭୋଜ ପାଳନ କରିବା ପୂର୍ବେ ଆପଣା ଆପଣାକୁ ପରୀକ୍ଷା କରୁ । (୧ମ କରିନ୍ଥୀ ୧୧:୨୭-୩୨) ଏତଦ୍ ବ୍ୟତୀତ ଆମ୍ଭେମାନେ କାହିଁକି ତାହାଙ୍କ ଏକତ୍ରିତ ହେଉ ?

ସର୍ବପ୍ରଥମେ, ଆମ୍ଭମାନଙ୍କ ଉପାସନା ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ, ଦ୍ୱିତୀୟରେ ଏହା ଏକ ଆରେକ ନିମନ୍ତେ ଲାଭପ୍ରଦ ଦାୟକ । ଏବ୍ରୀ ୧୦:୨୫ରେ କୁହାଯାଏ, "....ଆଉ କେହି କେହି ଯେପରି ମଣ୍ଡଳୀ ଉପାସନା ପରିତ୍ୟାଗ କରିଥାଆନ୍ତି, ଆମ୍ଭେମାନେ ସେପରି ନ କରୁ, ବରଂ ପରସ୍ପରକୁ ଉତ୍ସାହ ଦେଉ । ବିଶେଷତଃ ଯେତେବେଳେ ତୁମ୍ଭେମାନେ ପ୍ରଭୁଙ୍କ ଦିନ ନିକଟବର୍ତ୍ତୀ ହୋଇ ଆସୁଅଛି ବୋଲି ଦେଖୁଅଛ ।" ମଣ୍ଡଳୀ ଉପାସନାରେ ଯୋଗ ଦେଇ ପରସ୍ପରକୁ ଉତ୍ସାହିତ କରୁ । ଆମ୍ଭେମାନେ ଏକତ୍ରିତ ଭାବେ ଗୀତ ଗାୟନ, ପ୍ରାର୍ଥନା, ବାକ୍ୟଧ୍ୟାନ, ଦାନ ଦେବା ପରମେଶ୍ୱରଙ୍କ ଦୃଷ୍ଟିରେ ସୁଗନ୍ଧିଦ୍ରବ୍ୟ ଆଘ୍ରାଣ ସଦୃଶ୍ୟ । ଏତଦ୍ୱାରା ଏକତା ଓ ପରସ୍ପର ଉପରେ ନିର୍ଭରଶୀଳତା ବୃଦ୍ଧି ପାଏ ।

ମୁଁ ସର୍ବଦା ସତ୍‌ହୃଦୟରେ ପ୍ରଭୁଙ୍କୁ ଉପାସନା କରେ ବୋଲି ମୁଁ ଦାବୀ କରେ ନାହିଁ । କିନ୍ତୁ ମୁଁ କ୍ରମଶଃ ପ୍ରେମ, ବିଶ୍ୱାସରେ ଆତ୍ମିକ ଜ୍ଞାନରେ ବୃଦ୍ଧି ପାଉଅଛି । ମୁଁ ଉପାସନାରୁ କିଛି ଲାଭ ପାଏ ନାହିଁ ବୋଲି ଜଣେ ମନେ କରିବା ଦୁଃଖଦାୟକ । ବର୍ତ୍ତମାନ ଯୁଗରେ ଅନେକେ ଉପାସନାରେ ଆମୋଦ ଅନ୍ୱେଷଣ କରନ୍ତି କିନ୍ତୁ କିଛି ତ୍ୟାଗ କରିବାକୁ ପ୍ରସ୍ତୁତ ନୁହଁନ୍ତି, କିନ୍ତୁ ଯାହା ଆମ୍ଭେମାନେ ଦେଉ, ତାହା ହିଁ ପାଉଁ । ଆମ୍ଭେମାନେ ପ୍ରତ୍ୟେକ ଆପଣାକୁ ପରୀକ୍ଷା କରୁ ଓ ସୁଧାରୁ । ଆମ୍ଭମାନଙ୍କ ମଧ୍ୟରୁ ପ୍ରତ୍ୟେକ ପ୍ରସ୍ତୁତ ହୋଇ ସତ୍ୟ ଓ ଆତ୍ମାରେ ଉପାସନା ପ୍ରଭୁଙ୍କ ଦୃଷ୍ଟିରେ କେତେ ମନୋହର । ଏପରି ଉପାସନା ଆମ୍ଭମାନଙ୍କ ନିମନ୍ତେ କେତେ ଉତ୍ସାହଜନକ । ଆସ, ଆମ୍ଭେମାନେ ପରମେଶ୍ୱରଙ୍କ ନିମନ୍ତେ ଜୀବନଯାପନ କରୁ ଓ ପ୍ରସ୍ତୁତ ହୋଇ ଆତ୍ମା ଓ ସତ୍ୟରେ ତାହାଙ୍କ ଉପାସନା କରୁ ।

- Dan Broome

***

# ଆପଣ କେଉଁ ପ୍ରକାର ସ୍ତ୍ରୀ ?

## (Which lady are You ?)

ହିତୋପଦେଶକର ପୁସ୍ତକରେ ଦୁଇ ପ୍ରକାର ସ୍ତ୍ରୀ ବର୍ଣ୍ଣନା କରାଯାଏ । (୧) ଜ୍ଞାନୀ ଓ ଧାର୍ମିକା ସ୍ତ୍ରୀ (ହିତ ୮:୩୨-୩୬) ଓ (୨) ଦୁଷ୍ଟ ସ୍ତ୍ରୀ, ''ତାହାର ଗୃହ ପାତାଳକୁ ଯିବାର ବାଟ ଯାଏ ମୃତ୍ୟୁର ଆଳୟକୁ ଯାଏ ।'' (ହିତ ୭:୨୧) । ଏହି ଦୁଇ ପ୍ରକାର ସ୍ତ୍ରୀ ବିଷୟରେ ବାକ୍ୟରେ କଅଣ କୁହାଯାଏ ବିଶ୍ଳେଷଣ କରିବା ।

''ଏହି ରୂପେ ଅନେକ ମଧୁରଭାଷା କହି ସେ ତାହାର ମନ ହରଣ କଲା, ଓଷ୍ଠାଧାରର ଚାଟୁବାକ୍ୟରେ ତାହାକୁ ଓଟାରି ନେଲା ।'' (ହିତ ୭:୨୧) । ଦୁଷ୍ଟ ସ୍ତ୍ରୀକୁ ଏହି ଅଧ୍ୟାୟରେ ଚାଟୁବାଦିନୀ, 'ଚତୁରୀ', 'ତୁଣ୍ଡେଇ' ଓ ଅବଧ୍ୟା ସ୍ତ୍ରୀ ରୂପେ ବର୍ଣ୍ଣନା କରାଯାଏ । ୧୦ମ ପଦରେ କୁହାଯାଏ, ''ବେଶ୍ୟାବେଶ ଧାରିଣୀ'' ବୋଲି କୁହାଯାଏ। ଈଶ୍ୱରଙ୍କ ଦୃଷ୍ଟିରେ ବହୁମୂଲ୍ୟ କୋମଳ ଓ ଶାନ୍ତିରୂପ ବିହୀନ ସ୍ତ୍ରୀ । ଈଶ୍ୱରଙ୍କ ସନ୍ତୋଷଜନକା ନ ହୋଇ, ପୁରୁଷମାନଙ୍କୁ ଆକର୍ଷଣୀୟ ଭାବେ ପରିପାଟୀ ପରିଚ୍ଛଦ ଧାରଣ କରନ୍ତି । (୧ମ ପିତର ୩:୪) । ''ସେ ବଡ଼ ତୁଣ୍ଡେଇ ଓ ଅବାଧ୍ୟା, ତାହାର ପାଦ ନିଜ ଗୃହରେ ରହେ ନାହିଁ ।'' (୭:୧୧)

ଏହି ସ୍ତ୍ରୀ ପରମେଶ୍ୱରଙ୍କ ବାକ୍ୟଧ୍ୟାନରେ ଆପଣା ସମୟ ବିତାଏ ନାହିଁ । କିନ୍ତୁ ଘର ବାହାରେ ରହି ଆମୋଦ ପ୍ରମୋଦରେ ଦିନ ବିତାଏ । ତାହା ନିମନ୍ତେ ଆପଣା ଗୃହ ଏକ ପବିତ୍ର ପ୍ରେମମୟ, ଗୌରବପୂର୍ଣ୍ଣ ସ୍ଥାନ ବୋଲି ମଣେ ନାହିଁ, କିନ୍ତୁ ପରପୁରୁଷମାନଙ୍କୁ କାମରସରେ ମତ୍ତ ହେବା ନିମନ୍ତେ ଆପଣା ଗୃହକୁ ଆମନ୍ତ୍ରଣ କରେ । (ହିତ ୭:୧୯; ହିତ ୨:୪-୫; ଏଫିସୀ ୫:୨୨-୨୩) । ସେ ଆପଣା ପ୍ରେମିକକୁ ନିର୍ଲ୍ଲଜ ଓ ମଧୁର ଭାଷାରେ କଥା କହି ତାହାର ମନ ଓଟାରି ଆଣେ । (ହିତ ୭:୧୩,୨୧) । ସେ ଆପଣା ସୃଷ୍ଟିକର୍ତ୍ତା ପରମେଶ୍ୱରଙ୍କୁ ଆପଣା ବିଶ୍ୱାସ ଭୂମି କରେ ନାହିଁ । (ହିତ ୩:୨୬)। ତାହାର ଧାର୍ମିକତା ଓ ଲୋକ ଦେଖାଣିଆ ତାହାର ହୃଦୟ ପରମେଶ୍ୱରଙ୍କ ଠାରୁ ଦୂରରେ ରହେ । (ଯିଶାଇୟ ୨୯:୧୩) । ଏହି ଧରଣର ସ୍ତ୍ରୀମାନେ ''....ବାହାରେ ସୁନ୍ଦର ଦେଖାଯାଏ କିନ୍ତୁ ଭିତରେ ମୃତମାନଙ୍କ ଅସ୍ଥିତ ଓ ସର୍ବପ୍ରକାର ଅଶୁଚିତାରେ ପରିପୂର୍ଣ୍ଣ। (ମାଥିଉ ୨୩:୨୭)

ଏହି ଧରଣର ସ୍ତ୍ରୀମାନେ ପରମେଶ୍ୱରଙ୍କୁ ଆପଣା ଭଗ୍ନ ଓ ଚୂର୍ଣ୍ଣ ଅନ୍ତଃକରଣ ବଳିରୂପେ (ଗୀତ ୫୧:୧୭) ଅର୍ପଣ ନ କରି, ପୁରୁଷମାନଙ୍କ ନିକଟରେ ଆପଣାକୁ

ଅର୍ପଣ କରନ୍ତି, ଏମାନେ ଜୀବନର ପ୍ରଧାନ ଲକ୍ଷ୍ୟ ବିଷୟରେ ମନେ ରଖନ୍ତି ନାହିଁ। ଜ୍ଞାନୀ ଶଲୋମନଙ୍କ ମତରେ, ''.....ପରମେଶ୍ୱରଙ୍କୁ ଭୟ କର; ଓ ତାହାଙ୍କର ଆଜ୍ଞା ସବୁ ପାଳନ କର; କାରଣ ଏହା ହିଁ ମନୁଷ୍ୟର ପୂର୍ଣ୍ଣ କର୍ତ୍ତବ୍ୟ କର୍ମ । ଯେହେତୁ ପରମେଶ୍ୱର ପ୍ରତ୍ୟେକ କର୍ମ, ପୁଣି ଭଲ କି ମନ୍ଦ ଗୁପ୍ତ ବିଷୟ ବିଚାରରେ ଆଣିବେ।'' (ଉପଦେଶକ ୧୨:୧୩-୧୪)।

ଅନ୍ୟ ପକ୍ଷରେ ହିତୋପଦେଶ ଏକ ଗୁଣବତୀ ସ୍ତ୍ରୀର ଛବି ବର୍ଣ୍ଣନା କରେ। (୩୧ ଅଧ୍ୟାୟ) ସେ ବିଶୁଦ୍ଧ, ଧାର୍ମିକ। ତାହାର ସ୍ୱାମୀ ତାହାଙ୍କୁ କୌଣସି ବିଷୟରେ ସନ୍ଦେହ କରେ ନାହିଁ। (ହିତ ୩୧:୧୧)। ସେ ଆପଣା ନିମନ୍ତେ ଓ ଆପଣା ପରିବାର ନିମନ୍ତେ ଉତ୍ତମ ବସ୍ତୁ ପ୍ରସ୍ତୁତ କରେ। (୨୧ ଓ ୨୨ ପଦ)। ''ବଳ ଓ ଶୋଭା ତାହର ବସ୍ତ୍ର ସ୍ୱରୂପ, ପୁଣି ଭବିଷ୍ୟଦ୍‌କାଳ ବିଷୟରେ ସେ ହାସ୍ୟ କରେ।'' (୨୫ତମ ପଦ)। ସେ ଆପଣା ଶାରୀରିକ ସୌନ୍ଦର୍ଯ୍ୟ ଅସାର ଓ କ୍ଷଣସ୍ଥାୟୀ ବୋଲି ସେ ଜାଣେ। (ହିତ ୩୧:୧୦ ଓ ୧ମ ପିତର ୩:୪)। ସେ ସୁଗୃହୀ ଓ ସନ୍ତାନବତ୍ସଳା। ଏହି ଜ୍ଞାନୀ ସ୍ତ୍ରୀ ଆପଣା ଗୃହ ପରମେଶ୍ୱରଙ୍କ ଭୟଭକ୍ତି ଓ ଧର୍ମକର୍ମରେ ପରିପୂର୍ଣ୍ଣ କରେ। ସନ୍ତାନମାନେ ପରମେଶ୍ୱରଙ୍କ ଦାନ ବୋଲି ସେ ଜାଣେ। (ଗୀତ ୧୨୭:୩-୫)। ପରମେଶ୍ୱରଙ୍କ ଆଜ୍ଞାନୁଯାୟୀ ସେ ଆପଣା ସ୍ୱାମୀର ବଶୀଭୂତା, କାରଣ ସେମାନେ ଦୁହେଁ ଜୀବନରୂପ ଅନୁଗ୍ରହଦାନର ସହାଧିକାରୀ। (୧ମ ପିତର ୩:୧,୭) ଓ ହିତ ୩୧:୨୩)

ସେ ଆପଣା ପାରିବାରିକ ଆବଶ୍ୟକତା ପୂରଣ କରିବା ନିମନ୍ତେ ପରିଶ୍ରମ କରେ ଓ ଆଧ୍ୟାତ୍ମିକ ବିଷୟକୁ ପ୍ରାଧାନ୍ୟତା ଦିଏ। (ହିତ ୩୧:୧୩-୧୬)। ସେ ଆପଣା ପରିବାର ମଙ୍ଗଳ କରେ, କ୍ଷତି କରେ ନାହିଁ। (ହିତ ୩୧:୧,୭)। ସେ କେବଳ ପରିବାର ବିଷୟରେ ଚିନ୍ତା କରେ ନାହିଁ, କିନ୍ତୁ ପ୍ରତିବାସୀ ପ୍ରତି ଦୟା କରେ।'' ସେ ଦୁଃଖୀ ଲୋକମାନଙ୍କ ପ୍ରତି ମୁକ୍ତହସ୍ତା ହୁଏ ଓ ଦରିଦ୍ରମାନଙ୍କ ପ୍ରତି ଆପଣା ହାତ ବଢ଼ାଏ।'' (ହିତ ୩୧:୨୦)। ସେ ସତ୍କର୍ମରେ ବ୍ୟାପୃତ। (ତିତସ ୩:୮)। ସେ ସାଂସାରିକ କାର୍ଯ୍ୟରେ ମନୋନିବେଶ ନ କରି ''ଆପଣା ପରିବାରର ଆଚରଣରେ ମନୋଯୋଗ କରେ.....'' (ହିତ ୩୧:୨୭)

ପରମେଶ୍ୱରଙ୍କୁ ଭୟକାରୀ ସ୍ତ୍ରୀ ଏକ ଜ୍ଞାନବତୀ ସ୍ତ୍ରୀ। (ହିତ ୩୧:୩୦-୧)। ସେ ଏକ ସାପ୍ତାହିକ ଖ୍ରୀଷ୍ଟିୟାନ ନୁହେଁ, କିନ୍ତୁ ଏକ ଧର୍ମକର୍ମ ତାହାର ଜୀବନର ପନ୍ଥା। ବାହ୍ୟିକ ଭାବେ ଓ ଆନ୍ତରିକ ଭାବେ ସେ ସଦାପ୍ରଭୁଙ୍କ ସନ୍ତୋଷଜନକ। ସେ ଏକ ଧନ, ସମ୍ଭ୍ରବ ଓ ସୁଖ୍ୟାତ ନ ହେଲେ ସୁଦ୍ଧା କିଅବା ଆପଣା ବିଶ୍ୱାସ ନିମନ୍ତେ

ଚାହିଁନା ଭୋଗୁଥିଲେ ସୁଦ୍ଧା ସେ ପ୍ରଭୁଙ୍କ ଦୃଷ୍ଟିରେ ଆଦରଣୀୟ । ତେଣୁକରି ତାହାର ସୃଷ୍ଟିକର୍ତ୍ତା ତାହାର 'ହସ୍ତର ଫଳ' ଦେବେ । (୩୧:୩୧)

ତୃ ଜଗତରେ ପ୍ରତ୍ୟେକ ସ୍ତ୍ରୀ ଏହି ଦୁଇ ଶ୍ରେଣୀରେ ବିଭକ୍ତ । ଧାର୍ମିକା ସ୍ତ୍ରୀ ଜୀବନର ପଥରେ କତାଏ ଓ ଦୁଷ୍ଟ ସ୍ତ୍ରୀ ମରଣର ପଥରେ । ପ୍ରତ୍ୟେକ ଖ୍ରୀଷ୍ଟିୟାନ ସ୍ତ୍ରୀ ସେ କେଉଁ ପ୍ରକାର ସ୍ତ୍ରୀ ଅପାଣାକୁ ପ୍ରଶ୍ନ କରୁ ।

*- Emily Fisher*

❋❋❋

## ନୂତନ ବିଷୟମାନ

### (New Things)

ବାଲ୍ୟ ସମୟରୁ ଆମ୍ଭେମାନେ ପ୍ରତ୍ୟେକେ ନୂତନ ବିଷୟରେ ଆସକ୍ତ । ନୂତନ ପୋଷାକ, ନୂତନ ଗୃହ, ନୂତନ ଖାଦ୍ୟ ଇତ୍ୟାଦି ଆମ୍ଭମାନଙ୍କୁ ଆନନ୍ଦ ଭଲ ଦିଏ ।

ନୀ ପ୍ରେରିତ ପାଉଲ କରିନ୍ଥୀ ମଣ୍ଡଳୀକୁ ଲେଖିଲେ, "ଏଣୁ ଯଦି କେହି ଖ୍ରୀଷ୍ଟଙ୍କ ଠାରେ ଅଛି । ତେବେ ସେ ନୂତନ ସୃଷ୍ଟି ହୋଇଅଛି । ପୁରାତନ ବିଷୟ ସବୁ ଲୋପ ହୋଇଅଛି, ଦେଖ, ନୂତନ ବିଷୟସବୁ ହୋଇଅଛି । କିନ୍ତୁ ସମସ୍ତ ବିଷୟ ଈଶ୍ୱରଙ୍କ ଠାରୁ ହୋଇଅଛି; ସେ ଖ୍ରୀଷ୍ଟଙ୍କ ଦ୍ୱାରା ଆପଣା ସହିତ ଆମ୍ଭମାନଙ୍କୁ ସମ୍ମିଳିତ କରିଅଛନ୍ତି ଓ ସେ[illegible]ନର ସେବକ ପଦ ଆମ୍ଭମାନଙ୍କୁ ଦେଇଅଛନ୍ତି । ସେହି ସମ୍ମିଳନର ବାକ୍ୟ ଏହି, ଈଶ୍ୱର ଖ୍ରୀଷ୍ଟଙ୍କ ଠାରେ ଜଗତକୁ ଆପଣା ସହିତ ସମ୍ମିଳିତ କରୁଥିଲେ; ସେ ଜଗତବାସୀଙ୍କର ଅପରାଧ ଗଣନା ନ କରି ସେହି ସମ୍ମିଳନୀର ବାକ୍ୟ ଆମ୍ଭମାନଙ୍କ ନିକଟରେ ସମର୍ପଣ କରିଅଛନ୍ତି ।" (୨ କରିନ୍ଥୀ ୫:୧୦୧-୧୯)

ଏହି ବାକ୍ୟାଂଶର ଭାବ ଶକ୍ତିଯୁକ୍ତ । ଏହି ଜଗତର ଏପରି କୌଣସି ଲୋକ ନାହିଁ, ଯେ କି ପାପ କରିନାହିଁ । ଯଦିଓ ଆମ୍ଭେମାନେ ଆପଣାକୁ ଆପେ ପାପମୁକ୍ତ ହୋଇ ନ ପାରୁ, ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ପାପମୁକ୍ତ ହୋଇ ପାରିଅଛୁ । ଯୀଶୁଖ୍ରୀଷ୍ଟଙ୍କ ରକ୍ତ ଆମ୍ଭମାନଙ୍କୁ ଧୌତ କରେ ଓ ଆମ୍ଭେମାନେ ପାପରୁ ମୁକ୍ତ ହେଉ । ପାପରୁ ମୁକ୍ତ ହୋଇ ପବିତ୍ର ରହିବାକୁ ପାଉଲଙ୍କ ଅନୁଯାୟୀ ଆମ୍ଭମାନଙ୍କୁ 'ଖ୍ରୀଷ୍ଟଙ୍କ ଠାରେ ରହୁ' । ଖ୍ରୀଷ୍ଟଙ୍କ ଠାରେ ରହିଲେ, ଖ୍ରୀଷ୍ଟଙ୍କ ଦ୍ୱାରା, ଖ୍ରୀଷ୍ଟଙ୍କ ଠାରେ ନିହିତ ଆଶୀର୍ବାଦ ସକଳ ପ୍ରାପ୍ତ ହୋଇପାରିବା । ଖ୍ରୀଷ୍ଟଙ୍କ ସହିତ ସତ୍ ସମ୍ବନ୍ଧ ଥିଲେ, ପିତା ପରମେଶ୍ୱର ଆମ୍ଭମାନଙ୍କୁ ଅସୀମ ଭାବେ ଆଶୀଷ ଢାଳି ଦିଅନ୍ତି ।

ଖ୍ରୀଷ୍ଟଙ୍କ ସହିତ ସତ୍ ସମ୍ବନ୍ଧ ରଖିବା ବିଷୟରେ ବାଇବଲ କଅଣ କହେ?

ମାର୍କ ୧୬:୧୬ ପଦରେ ଯୀଶୁଖ୍ରୀଷ୍ଟ କହନ୍ତି, "ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ।"

ରୋମୀୟ ୬:୩,୪ ପଦରେ ଲେଖାଯାଏ, "ଆମ୍ଭେମାନେ ଯେତେଲୋକ ଖ୍ରୀଷ୍ଟ ଯୀଶୁଙ୍କ ଠାରେ ବାପ୍ତିଜିତ ହୋଇଅଛୁ ଏହା କି ତୁମ୍ଭେମାନେ ଜାଣ ନାହିଁ? ଅତଏବ, ଆମ୍ଭେମାନେ ବାପ୍ତିସ୍ମ ଦ୍ୱାରା ମରଣରେ ତାହାଙ୍କ ସହିତ ସମାଧିପ୍ରାପ୍ତ ହୋଇଅଛୁ, ଯେପରି ଖ୍ରୀଷ୍ଟ ପିତାଙ୍କ ଗୌରବ ଦ୍ୱାରା ମୃତମାନଙ୍କ ମଧ୍ୟରୁ ଯେଉଁ ପ୍ରକାରେ ଉତ୍ଥାପିତ ହେଲେ, ଆମ୍ଭେମାନେ ମଧ୍ୟ ସେହି ପ୍ରକାରେ ଜୀବନର ନୂତନ ଭାବରେ ଆଚରଣ କରୁ।"

ପ୍ରେରିତ ପାଉଲ ଏଫିସୀ ମଣ୍ଡଳୀକୁ ଲେଖନ୍ତି, "କିନ୍ତୁ ତୁମ୍ଭେମାନେ ଖ୍ରୀଷ୍ଟଙ୍କୁ ସେ ପ୍ରକାରେ ଶିକ୍ଷା କରିନାହଁ, ତୁମ୍ଭେମାନେ ତ ତାହାଙ୍କ ବିଷୟ ଶୁଣିଅଛ, ପୁଣି ଯୀଶୁଙ୍କ ସମ୍ବନ୍ଧୀୟ ସତ୍ୟ ଅନୁସାରେ ତାହାଙ୍କ ସହଭାଗିତାରେ ଥାଇ ଶିକ୍ଷିତ ହୋଇଅଛ, ଅର୍ଥାତ୍ ତୁମ୍ଭେ ତୁମ୍ଭମାନଙ୍କ ପୁରାତନ ଆଚରଣ ସମ୍ବନ୍ଧରେ ଯେଉଁ ପୁରାତନ ସ୍ୱଭାବ ପ୍ରବଞ୍ଚନାର ବିଳାସିତା ଅନୁସାରେ ଅଧିକରୁ ଅଧିକ ଭ୍ରଷ୍ଟ ହେଉଅଛ, ତାହାକୁ ପରିତ୍ୟାଗ କରିବାକୁ ପୁଣି ତୁମ୍ଭମାନଙ୍କ ମନରେ ନୂତନୀକୃତ ହୋଇ, ଯେଉଁ ନୂତନ ସ୍ୱଭାବ [illegible] ପବିତ୍ରତାରେ ସୃଷ୍ଟି ହୋଇଅଛି, ତାହା ପରିଧାନ କରିବାକୁ ଶିକ୍ଷିତ ହୋଇଅଛ।" (୪:୨୦-୨୪)

ଖ୍ରୀଷ୍ଟଙ୍କ ଠାରେ ଆମ୍ଭେମାନେ ପାପକ୍ଷମା ପାଇପାରୁ। ପାପକ୍ଷମା ପାଇ ଏକ ନୂତନ ସୃଷ୍ଟ ହୋଇ ଅନନ୍ତ ଜୀବନର ଭରସା ପାଇପାରୁ। ଆମ୍ଭେମାନଙ୍କ ନିମନ୍ତେ ସ୍ୱର୍ଗରେ ଏକ ନୂତନ ଗୃହ ନିର୍ମିତ ହେଉଅଛି। ଆସ ଆମ୍ଭେମାନେ ଏହି ଜୀବନ ଖ୍ରୀଷ୍ଟଙ୍କ ସହଭାଗିତାରେ ବିତାଇ, ଅନନ୍ତ ଜୀବନରେ ପ୍ରବେଶ କରୁ।

- *Mark Phillips*

***

## ସର୍ବାଧିକାରୀ ସଦାପ୍ରଭୁ

**(God is Sovereign)**

"ଅନ୍ୟ ଦେବତାମାନଙ୍କ ଠାରୁ ଆପଣଙ୍କ ଦେବତା କାହିଁକି ଶ୍ରେଷ୍ଠତର" ବୋଲି ଆପଣ ମୋତେ ପଚାରି ପାରନ୍ତି। ବାଇବଲ ପ୍ରକଟ କରୁଅଛି [illegible]

ଆଦ୍ୟରୁ ବିଦ୍ୟମାନ ଓ ଆଜି ପର୍ଯ୍ୟନ୍ତ ସେ ପରମେଶ୍ୱର ଅଟନ୍ତି; ଗୀତ ରଚକ ଲେଖନ୍ତି, ''ହେ ପ୍ରଭୋ ! ତୁମ୍ଭେ ପୁରୁଷାନୁକ୍ରମେ ଆମ୍ଭମାନଙ୍କର ବାସସ୍ଥାନ ହୋଇ ଆସିଅଛ । ତୁମ୍ଭେ ପର୍ବତଗଣର ଉତ୍ପତ୍ତିର ଓ ତୁମ୍ଭ ଦ୍ୱାରା ପୃଥିବୀ ଓ ଜଗତର ସୃଷ୍ଟି ପୂର୍ବ ଠାରୁ ଅନାଦିକାଳରୁ ଅନନ୍ତକାଳ ପର୍ଯ୍ୟନ୍ତ ତୁମ୍ଭେ ପରମେଶ୍ୱର ଅଟ । ତୁମ୍ଭେ ମର୍ତ୍ତ୍ୟକୁ ଲୀନ କରୁଅଛ । ପୁଣି କହୁଅଛ, ହେ ମନୁଷ୍ୟ ସନ୍ତାନ ଗଣ ଫେର । କାରଣ ତୁମ୍ଭର ଦୃଷ୍ଟିରେ ସହସ୍ର ବର୍ଷ ଗତ କାଲିର ତୁଲ୍ୟ ଓ ରାତ୍ରିର ଏକ ପ୍ରହରର ସମାନ । ଯେପରି ପ୍ଲାବନରେ ସେପରି ତୁମ୍ଭେ ସେମାନଙ୍କୁ ଭସାଇ ନେଉଅଛ; ସେମାନେ ସ୍ୱପ୍ନ ତୁଲ୍ୟ ପ୍ରାତଃକାଳରେ ସେମାନେ ବଢ଼ନ୍ତା ତୃଣ ତୁଲ୍ୟ । ପ୍ରାତଃକାଳରେ ତାହା ସତେଜ ହୋଇ, ସନ୍ଧ୍ୟାକାଳରେ ତାହା କଟାଯାଇ ଶୁଖଇ । କାରଣ ତୁମ୍ଭର କ୍ରୋଧରେ ଆମ୍ଭେମାନେ କ୍ଷୟ ପାଉ, ପୁଣି ତୁମ୍ଭ କୋପରେ ଆମ୍ଭୋମନେ ବ୍ୟସ୍ତ ହେଉ । ତୁମ୍ଭେ ଆମ୍ଭମାନଙ୍କ ଅପରାଧ ଆପଣା ସମ୍ମୁଖରେ, ଆମ୍ଭମାନଙ୍କ ଗୁପ୍ତ ପାପ ଆପଣା ମୁଖର ଦୀପ୍ତିରେ ରଖିଅଛ । କାରଣ ଆମ୍ଭମାନଙ୍କ ସକଳ ଦିନ ତୁମ୍ଭ କୋପରେ ବହିଯାଏ ; କଥିତ କାହାଣୀ ପରି ଆମ୍ଭେମାନେ ଆପଣା ଆପଣା ବର୍ଷ ସମାପ୍ତ କରୁଥାଉ । ଆମ୍ଭମାନଙ୍କ ଆୟୁର ପରିମାଣ ସତୁରି ବର୍ଷ, ଅବା ବଳ ସକାଶୁ ଅଶୀ ବର୍ଷ ହୁଏ । ତଥାପି ତାହାର ଗର୍ବ ଓ ପରିଶ୍ରମ ଦୁଃଖମାତ୍ର କାରଣ ତାହା ଶୀଘ୍ର ବହିଯାଏ ଓ ଆମ୍ଭେମାନେ ଉଡ଼ିଯାଉ। ତୁମ୍ଭ କ୍ରୋଧର ପ୍ରବଳତା ଓ ତୁମ୍ଭ ପ୍ରତି ଉପଯୁକ୍ତ ଭୟ ପ୍ରମାଣେ ତୁମ୍ଭର କୋପ କିଏ ବୁଝେ । ଯେପରି ଆମ୍ଭେମାନେ ଜ୍ଞାନ ବିଶିଷ୍ଟ ଅନ୍ତଃକରଣ ଆପଣା ପାଇପାରିବୁ, ଏଥିପାଇଁ ଆମ୍ଭମାନଙ୍କ ଦିନ ଗଣନା କରିବାକୁ ଶିକ୍ଷା ଦିଅ ।'' (ଗୀତ ୯୦:୧-୧୨)

ଏହି ଧରାରେ ଅସଂଖ୍ୟ ଲୋକ ଜନ୍ମ ହୁଅନ୍ତି ଓ ଅସଂଖ୍ୟ ଲୋକେ ଏହି ଧରାରୁ ବିଦାୟ ନିଅନ୍ତି । କିନ୍ତୁ ସଦାପ୍ରଭୁଙ୍କ ଦୃଷ୍ଟି ପ୍ରତ୍ୟେକଙ୍କ ଉପରେ ଥାଏ । ଆମ୍ଭେମାନେ ଏହି ଜଗତରେ ସତୁରୀ ଅବା ଅଶୀ ବର୍ଷ ଜୀବନଯାପନ କରୁ, ଏହି ସମୟରେ ସର୍ବାଧିକାରୀ ପରମେଶ୍ୱରଙ୍କ ସେବା କରୁ । ସେଥିରେ ଆମ୍ଭମାନଙ୍କ ଭବିଷ୍ୟତ ନିଶ୍ଚିତ ଭାବେ ସ୍ୱର୍ଗସ୍ଥ ପିତା, ପ୍ରଭୁ ଯୀଶୁ ଓ ଅସଂଖ୍ୟ ସାଧୁମାନଙ୍କ ସହ ସନ୍ତୋଷରେ ବିତାଇବା।

ସର୍ବାଧିକାରୀର ଅର୍ଥ (୧) ସର୍ବଗ୍ରେ, ପ୍ରମୁଖ୍ୟ ଶ୍ରେଷ୍ଠ (୨) ଶକ୍ତିରେ, ସ୍ଥାୟୀରେ, ଅଧିକାରରେ (୩) ଶାସକ, ରାଜକୀୟ, ରାଜୁତି (୪) ଉଚ୍ଚରେ,ଅସମାନ (୫) ଶ୍ରେଷ୍ଠ । ଜଣେ ସମ୍ରାଟ ବା ଶାସକ, ଭାବବାଦୀ ଶାମୁୟେଲଙ୍କ ସମୟରେ, ଈଶ୍ରାଏଲୀୟ

ସନ୍ତାନମାନେ ଆପଣା ନିମନ୍ତେ ଏକ ରାଜା ନିଯୁକ୍ତ କରିବା ନିମନ୍ତେ ମାଗିବା ସମୟରେ, ସଦାପ୍ରଭୁ କହିଲେ,"....ସେ ଈଶ୍ରାଏଲର ପରମେଶ୍ୱର କହନ୍ତି, ଆମ୍ଭେ ଈଶ୍ରାଏଲକୁ ମିସରରୁ ବାହାର କରି ଆଣିଲୁ ଓ ଆମ୍ଭେ ମିସରୀୟମାନଙ୍କ ହସ୍ତରୁ ଓ ଯେ ସକଳ ରାଜ୍ୟର ଲୋକମାନେ ତୁମ୍ଭମାନଙ୍କ ପ୍ରତି ଉପଦ୍ରବ କଲେ, ସେମାନଙ୍କ ହସ୍ତରୁ ଉଦ୍ଧାର କଲୁ; ମାତ୍ର ତୁମ୍ଭମାନଙ୍କର ଯେଉଁ ପରମେଶ୍ୱର ଆପେ, ତୁମ୍ଭମାନଙ୍କର ସମସ୍ତ ଅମଙ୍ଗଳ ଓ କ୍ଳେଶରୁ ତୁମ୍ଭମାନଙ୍କୁ ଉଦ୍ଧାର କରନ୍ତି, ତୁମ୍ଭେମାନେ ଆଜି ତାହାଙ୍କୁ ଅଗ୍ରାହ୍ୟ କଲ ଓ ତାହାଙ୍କୁ କହିଲ, ଯାହା ହେଉ ଆମ୍ଭମାନଙ୍କ ଉପରେ ଏକ ରାଜା ନିଯୁକ୍ତ କର, ଏହେତୁ ତୁମ୍ଭେମାନେ ଏବେ ଆପଣା ଆପଣା ବଂଶ ଅନୁସାରେ ସହସ୍ର ସହସ୍ର ଅନୁସାରେ ସଦାପ୍ରଭୁଙ୍କର ଉପସ୍ଥିତ ହୁଅ।" (୧ମ ଶାମୁୟେଲ ୧୦:୧୮-୧୯)। ଆମ୍ଭମାନଙ୍କ ଦେଶ ଓ ଦେଶବାସୀ ସର୍ବାଧିକାରୀ ସଦାପ୍ରଭୁଙ୍କୁ ଏହିପରି ଭାବେ ଅଗ୍ରାହ୍ୟ କରି, ଆପଣା ସ୍ୱଇଚ୍ଛାରେ ଜୀବନଯାପନ କରିବାକୁ ଇଚ୍ଛା କରନ୍ତି ।

ହେ ବନ୍ଧୁ, ଆପଣଙ୍କ ସର୍ବାଧିକାରୀ ସଦାପ୍ରଭୁଙ୍କ ଆଧିପତ୍ୟ ଠାରୁ ଦୂରେଇ ଯିବାକୁ ଇଚ୍ଛା କରୁଅଛନ୍ତି । ଏହି ବିଶ୍ୱର ସେ ସର୍ବାଧିକାରୀ ଅଟନ୍ତି । ସର୍ବାଧିକାରୀ ସଦାପ୍ରଭୁଙ୍କ ଅଜ୍ଞାତ କିଛି ନାହିଁ। ତାହାଙ୍କ ଅସାଧ୍ୟ କିଛି ନାହିଁ। ସେ ଅସୀମ ଅଟନ୍ତି ।

ଏପରି ସର୍ବାଧିକାରୀ ସଦାପ୍ରଭୁ ସମ୍ମୁଖରେ ପ୍ରାର୍ଥନା ବିନତୀ କରିବା କେତେ ସୌଭାଗ୍ୟର ବିଷୟ । ପ୍ରେରିତ ପାଉଲ କଲସୀ ମଣ୍ଡଳୀକୁ ଲେଖନ୍ତି, "ଏଣୁ ତାହା ଶୁଣିବା ଦିନ ଠାରୁ ଆମ୍ଭେମାନେ ମଧ୍ୟ ତୁମ୍ଭମାନଙ୍କ ନିମନ୍ତେ ପ୍ରାର୍ଥନା ବିନତୀ କରିବାକୁ କ୍ଷାନ୍ତ ହେଉନାହୁଁ, ଯେପରି ତୁମ୍ଭେମାନେ ସମ୍ପୂର୍ଣ୍ଣ ରୂପେ ଈଶ୍ୱରଙ୍କ ଅଭିମତ ଜ୍ଞାତ ହୋଇ, ସମସ୍ତ ଆତ୍ମିକ ଜ୍ଞାନ ଓ ବୁଦ୍ଧିରେ ପ୍ରଭୁଙ୍କୁ ସର୍ବ ପ୍ରକାର ସନ୍ତୁଷ୍ଟ କରିବା ନିମନ୍ତେ ତାହାଙ୍କ ଯୋଗ୍ୟ ଆଚରଣ କର, ଅର୍ଥାତ୍ ଈଶ୍ୱରଙ୍କ ତତ୍ତ୍ୱଜ୍ଞାନରେ ବଢ଼ି ସମସ୍ତ ସତ୍‌କର୍ମର ଫଳରେ ଫଳବାନ ହୁଅ ଏବଂ ସର୍ବ ବିଷୟରେ ଧୈର୍ଯ୍ୟଶୀଳ ଓ ସହିଷ୍ଣୁ ହେବା ନିମନ୍ତେ ତାହାଙ୍କ ଗୌରବର ପରାକ୍ରମ ଅନୁସାରେ ସମସ୍ତ ଶକ୍ତିରେ ଶକ୍ତିଯୁକ୍ତ ହୁଅ। ପୁଣି ଯେଉଁ ପିତା ଦୀପ୍ତିରେ ସାଧୁମାନଙ୍କ ଅଧିକାରର ସହଭାଗୀ ହେବା ନିମନ୍ତେ ତୁମ୍ଭମାନଙ୍କୁ ଯୋଗ୍ୟ କରିଅଛନ୍ତି, ତାହାଙ୍କୁ ଆନନ୍ଦ ସହିତ ଧନ୍ୟବାଦ ଦିଅ । ସେ ଆମ୍ଭମାନଙ୍କୁ ଅନ୍ଧକାରର କ୍ଷମତା ଠାରୁ ରକ୍ଷା କରି ଆପଣା ପ୍ରେମ ପାତ୍ର ପୁତ୍ରଙ୍କ ରାଜ୍ୟ ମଧ୍ୟକୁ ସ୍ଥାନାନ୍ତର କରିଅଛନ୍ତି । ତାହାଙ୍କ ଠାରେ ଆମ୍ଭେମାନେ ମୁକ୍ତି ଅର୍ଥାତ୍ ପାପକ୍ଷମା

ପ୍ରାର୍ଥନା କରୁଥାଉ । (କଲସୀ ୧:୪-୧୯)

ତୁଳନା ପ୍ରେରିତ ପାଉଲ ସର୍ବାଧିକାରୀ ସଦାପ୍ରଭୁଙ୍କ ସମ୍ମୁଖରେ କଲସୀ ମଣ୍ଡଳୀ ନିମନ୍ତେ ପ୍ରାର୍ଥନା କରିଥିଲେ । ପ୍ରିୟ ବନ୍ଧୁ, ଆପଣ ଯେତେବେଳେ ପ୍ରାର୍ଥନା କରୁଅଛନ୍ତି, ସର୍ବାଧିକାରୀ, ସର୍ବଶକ୍ତିମାନ, ସର୍ବଜ୍ଞାନୀ ଓ ସର୍ବବ୍ୟାପୀ ପରମେଶ୍ୱରଙ୍କ ସହିତ କଥା କହୁଅଛନ୍ତି ବୋଲି ମନେ ରଖନ୍ତୁ । "ସଦାପ୍ରଭୁ ଆଶ୍ଚର୍ଯ୍ୟଭାବେ ଆମ୍ଭମାନଙ୍କ ଜୀବନରେ କାର୍ଯ୍ୟ କରନ୍ତି । ଯେଉଁମାନେ ଈଶ୍ୱରଙ୍କୁ ପ୍ରେମ କରନ୍ତି, ଯେଉଁମାନେ ତାହାଙ୍କ ସଂକଳ୍ପ ଅନୁସାରେ ଆହୂତ ହୋଇଅଛନ୍ତି, ଈଶ୍ୱର ଯେ ସମସ୍ତ ବିଷୟରେ ସେମାନଙ୍କର ମଙ୍ଗଳ ସାଧନ କରନ୍ତି, ଏହା ଜାଣୁ ।" (ରୋମୀୟ ୮:୨୮)

ନା ଯିଶାଇୟ ୪୫ ଅଧ୍ୟାୟରେ ସର୍ବାଧିକାରୀ ସଦାପ୍ରଭୁ, ଏକ ପାରସିକ ସମ୍ରାଟ ବିଷୟରେ ବ୍ୟକ୍ତ କରିଅଛନ୍ତି । ତାହାଙ୍କ ନାମ କୋରସ । ତାହାଙ୍କ ସ୍ଥାପିତ ସାମ୍ରାଜ୍ୟ ଦୀର୍ଘକାଳ ଅସ୍ତିତ୍ୱରେ ଥିଲା । "ସଦାପ୍ରଭୁ ଆପଣା ଅଭିଷିକ୍ତ ବ୍ୟକ୍ତିର, ଅର୍ଥାତ୍ କୋରସର ବିଷୟରେ ଏହି କଥା କହନ୍ତି, ଆମ୍ଭେ ତାହା ସମ୍ମୁଖରେ ନାନା ଗୋଷ୍ଠୀଙ୍କୁ ପରାସ୍ତ କରିବା ନିମନ୍ତେ ତାହାର ଦକ୍ଷିଣ ହସ୍ତ ଧରିଅଛୁ ଓ ଆମ୍ଭେ ରାଜାମାନଙ୍କର କଟିବନ୍ଧନ ଫିଟାଇବା, ଆମ୍ଭେ ତାହା ସମ୍ମୁଖରେ କବାଟସବୁ ମୁକ୍ତ କରିବା ଓ ନଗର ଦ୍ୱାର ସବୁ ବନ୍ଦ ନୋହିବ । ଆମ୍ଭେ ତୁମ୍ଭର ଆଗେ ଆଗେ ଗମନ କରିବା, ରଗଡ଼ା ସ୍ଥାନସବୁ ସମାନ କରିବା, ଆମ୍ଭେ ପିତ୍ତଳର କବାଟସବୁ ଭାଙ୍ଗି ଖଣ୍ଡ ଖଣ୍ଡ କରିବା ଓ ଲୌହ ଅର୍ଗଳସବୁ କାଟି ପକାଇବା । ପୁଣି, ଆମ୍ଭେ ଅନ୍ଧକାରବୃତ ଧନଭଣ୍ଡାର ଓ ଗୁପ୍ତ ସ୍ଥାନରେ ସଞ୍ଚିତ ସମ୍ପତ୍ତି ସବୁ ତୁମ୍ଭକୁ ଦେବା । ତହିଁରେ ତୁମ୍ଭ ନାମ ଧରି ଆହ୍ୱାନକାରୀ ଆମ୍ଭେ ଯେ ସଦାପ୍ରଭୁ ଇସ୍ରାଏଲର ପରମେଶ୍ୱର ଅଟୁ । ଏହା ତୁମ୍ଭେ ଜାଣିବ । ଆମ୍ଭ ଦାସ ଯାକୁବ ଓ ଆମ୍ଭ ମନୋନୀତ ଇଶ୍ରାଏଲ ସକାଶେ ଆମ୍ଭେ ତୁମ୍ଭର ନାମ ଧରି ଡାକିଅଛୁ; ତୁମ୍ଭେ ଆମ୍ଭକୁ ନ ଜାଣିଲେ ହେଁ ଆମ୍ଭେ ତୁମ୍ଭକୁ ଉପାଧି ଦେଇଅଛୁ । ଆମ୍ଭେ ସଦାପ୍ରଭୁ ଆଉ ଦ୍ୱିତୀୟ କେହି ନାହିଁ; ଆମ୍ଭ ଛଡ଼ା ଯେ ଆଉ କେହି ନାହିଁ, ଏହା ସୂର୍ଯ୍ୟୋଦୟର ସ୍ଥାନରୁ ପଶ୍ଚିମ ଦିଗ ପର୍ଯ୍ୟନ୍ତ ଲୋକେ ଜାଣିବେ, ଆମ୍ଭେ ସଦାପ୍ରଭୁ; ଆଉ ଦ୍ୱିତୀୟ କେହି ନାହିଁ । ଆମ୍ଭେ ଶାନ୍ତି ରଚନା କରୁ, ଅନିଷ୍ଟ ସୃଷ୍ଟି କରୁ, ଆମ୍ଭେ ସଦାପ୍ରଭୁ ଏହିସବୁ ସାଧନ କରୁ । ହେ ଆକାଶ ମଣ୍ଡଳ, ତୁମ୍ଭେମାନେ ଉପରୁ ବର୍ଷଣ କର, ମେଘପାଳ ଧର୍ମବୃଷ୍ଟି କରୁ; ଯେପରି ପରିତ୍ରାଣ ଉତ୍ପନ୍ନ ହେବ, ଏଥିପାଇଁ ପୃଥିବୀ ବିଦୀର୍ଣ୍ଣ

ହେଉ ଓ ଧାର୍ମିକତାରେ ଏକତ୍ର ଅଙ୍କୁରିତ କରାଉ; ଆମ୍ଭେ ସଦାପ୍ରଭୁ ଏହା ସୃଷ୍ଟି କରିଅଛୁ

ଯେ ଆପଣା ସୃଷ୍ଟିକର୍ତ୍ତାଙ୍କ ସଙ୍ଗେ ବିରୋଧ କରେ, ସେ ସନ୍ତାପର ପାତ୍ର । ପୃଥିବୀର ଖପରା ମଧ୍ୟରେ ଖଣ୍ଡେ ଖପରା ମାତ୍ର । ମୃତ୍ତିକା କଅଣ ତାର ଗଢ଼ିବା ଲୋକଙ୍କୁ କହିବ, ତୁମ୍ଭେ କଅଣ ନିର୍ମାଣ କରୁଅଛ ? ଅବା ତୁମ୍ଭର କର୍ମ କଅଣ କହିବ, ତାହାର ହସ୍ତ ନାହିଁ ? ଯେ ପିତାକୁ କହେ, ତୁମ୍ଭେ କଅଣ କରାଉଅଛ, ଅବା ସ୍ତ୍ରୀ ଲୋକଙ୍କୁ କହେ, ତୁମ୍ଭେ କଅଣ ପ୍ରସବ କରୁଅଛ ? ଯେ ସନ୍ତାପର ପାତ୍ର । ସଦାପ୍ରଭୁ ଇଶ୍ରାଏଲର ଧର୍ମସ୍ୱରୂପ ଓ ତାହାର ନିର୍ମାଣକର୍ତ୍ତା । ଏହି କଥା କହନ୍ତି, ଆଗାମୀ ଘଟଣାର ବିଷୟ ଆମ୍ଭକୁ ପଚାର; ତୁମ୍ଭେମାନେ ଆମ୍ଭ ସନ୍ତାନଗଣର ବିଷୟରେ ଓ ଆମ୍ଭ ହସ୍ତକୃତ କର୍ମ ବିଷୟରେ ଆମ୍ଭକୁ ଆଦେଶ ଦିଅ । ଆମ୍ଭେ ପୃଥିବୀକୁ ନିର୍ମାଣ କରିଅଛୁ ଓ ତହିଁ ମଧ୍ୟରେ ମନୁଷ୍ୟର ସୃଷ୍ଟି କରିଅଛୁ; ଆମ୍ଭେ, ଆମ୍ଭର ସହସ୍ତ ହିଁ ଆକାଶମଣ୍ଡଳ ବିସ୍ତୀର୍ଣ୍ଣ କରିଅଛି ଓ ତହିଁର ସକଳ ବିଷୟକୁ ଆମ୍ଭେ ଆଜ୍ଞା ଦେଇଅଛୁ । ଆମ୍ଭେ ଧର୍ମରେ ତାହାକୁ ଉତ୍ପନ୍ନ କରିଅଛୁ ଓ ଆମ୍ଭେ ତାହାର ସକଳ ପଥ ସରଳ କରିବା; ସେ ଆମ୍ଭର ନଗର ନିର୍ମାଣ କରିବ ଓ ଆମ୍ଭର ନିର୍ବାସିତ ଲୋକମାନଙ୍କୁ ଛାଡ଼ି ଦେବ, ମୂଲ୍ୟ ନିମନ୍ତେ କିଅବା ପୁରସ୍କାର ନିମନ୍ତେ ନୁହେଁ । ଏହା ସୈନ୍ୟାଧିପତି ସଦାପ୍ରଭୁ କହନ୍ତି ।''

କୋରସଙ୍କ ଜନ୍ମର ପ୍ରାୟ ୨୦୦ ବର୍ଷ ପୂର୍ବେ ସୈନ୍ୟାଧିପତି ସଦାପ୍ରଭୁ ଯିଶାଇୟ ଭାବବାଦୀଙ୍କ ଦ୍ୱାରା ପ୍ରକଟିତ କରିଥିଲେ । ୨୦୦ ବର୍ଷ ପରେ ରାଜା କୋରସ ଏହି ଭାବବାଣୀ ବିଷୟ ଜ୍ଞାତ ହୋଇ, କେତେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ନ ଥିବେ ! ସେ ସଦାପ୍ରଭୁଙ୍କ ଭାବବାଣୀ ସଫଳାର୍ଥେ କାର୍ଯ୍ୟ କରିଥିଲେ । ଯିହୂଦୀ ଜାତିକୁ ଦାସତ୍ୱରୁ ମୁକ୍ତ କରି ଯିରୁଶାଲମରେ ମନ୍ଦିର ନିର୍ମାଣ କରିବା ନିମନ୍ତେ ଅର୍ଥ ଦେଇ ପ୍ରସ୍ଥାନ କରିବା ନିମନ୍ତେ ଆଜ୍ଞା ଦେଲେ ।

''ଯିରିମିୟଙ୍କ ମୁଖ ଦ୍ୱାରା ଉକ୍ତ ସଦାପ୍ରଭୁଙ୍କ ବାକ୍ୟ ସଫଳାର୍ଥେ, ପାରସର ରାଜା କୋରସର ଅଧିକାର ପ୍ରଥମ ବର୍ଷରେ ସଦାପ୍ରଭୁ ପାରସ୍ୟର ରାଜା କୋରସର ମନରେ ପ୍ରବୃତ୍ତି ଜନ୍ମାଇଲେ, ସେ ଆପଣା ରାଜ୍ୟର ସର୍ବତ୍ର ଘୋଷଣା କରାଇ ମଧ୍ୟ ଲେଖାଇ ଏହି କଥା ପ୍ରଚାର କରାଇଲେ, ଯଥା, ପାରସ୍ୟର ରାଜା କୋରସ ଏହା କହନ୍ତି, ସଦାପ୍ରଭୁ ସ୍ୱର୍ଗର ପରମେଶ୍ୱର ପୃଥିବୀର ସମସ୍ତ ରାଜ୍ୟ ଆମ୍ଭକୁ ପ୍ରଦାନ

କରିଅଛନ୍ତି; ଆଉ, ସେ ଯିହୂଦା ଦେଶସ୍ଥ ଯିରୁଶାଲମରେ ତାହାଙ୍କ ପାଇଁ ଏକ ଗୃହ ନିର୍ମାଣ କରିବାକୁ ଆମ୍ଭକୁ ଆଜ୍ଞା କରିଅଛନ୍ତି । ତାହାଙ୍କର ସମଗ୍ର ଲୋକମାନଙ୍କ ମଧ୍ୟରୁ ଯେକେହି ହେଉ, ତାହାର ପରମେଶ୍ୱର ତାହାର ସହବର୍ତ୍ତୀ ହେଉନ୍ତୁ ଓ ସେ ଯିହୂଦା ଦେଶସ୍ଥ ଯିରୁଶାଲମକୁ ଯାତ୍ରା କରି ସଦାପ୍ରଭୁ ଇଶ୍ରାଏଲର ଯିରୁଶାଲମ ଗୃହ ନିର୍ମାଣ କରନ୍ତୁ, ସେ ପରମେଶ୍ୱର ଅଟନ୍ତି । ଆଉ, ଯେକେହି ଯେକୌଣସି ସ୍ଥାନରେ ଅବଶିଷ୍ଟ ଥାଇ ପ୍ରବାସ କରୁଅଛି, ତାହାର ସେହି ସ୍ଥାନସ୍ଥ ଲୋକମାନେ ପରମେଶ୍ୱରଙ୍କ ଯିରୁଶାଲମସ୍ଥ ଗୃହ ନିମନ୍ତେ ସ୍ୱେଚ୍ଛା ଦତ୍ତ ନୈବେଦ୍ୟ ଛଡ଼ା ରୂପା ଓ ସୁନା, ନାନା ଦ୍ରବ୍ୟ ଓ ପଶୁ ଦେଇ ତାହାର ସାହାଯ୍ୟ କରନ୍ତୁ ।'' (ଏଜ୍ରା ୧:୧-୪)

ପ୍ରିୟ ବନ୍ଧୁ, ବାଇବଲର ପରମେଶ୍ୱର ଏହି ବିଶ୍ୱର ସର୍ବାଧିକାରୀ ଅଟନ୍ତି । ତାହାଙ୍କ ସମ୍ମୁଖସ୍ଥ ଆପଣ କି ନତମସ୍ତକ ହେବେ ନାହିଁ ? ତାହାଙ୍କ ଠାରେ କି ବିଶ୍ୱାସ କରିବେ ନାହିଁ ? ତାହାଙ୍କର କି ଆଜ୍ଞାବହ ହେବ ନାହିଁ ? ତାହାଙ୍କର ଉପାସନା କି କରିବେ ନାହିଁ ? ସର୍ବାଧିକାରୀଙ୍କର ସେବା କରିବେ ନାହିଁ ?

***- Larry Murdock***

❋❋❋

## ସଦାପ୍ରଭୁଙ୍କ ସୈନ୍ୟଦଳରେ

### (In the Lord's Army)

ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ସ୍ଥାପିତ ମଣ୍ଡଳୀ ଏକ ଦୁର୍ବଳ ସଂସ୍ଥା ନୁହେଁ । ଧାର୍ମିକ ଜୀବନ ଯାତ୍ରାକୁ ଏହି ଜଗତ ଏକ କ୍ଷୀଣ ପଥ ରୂପେ ଗଣନା କରେ । କିନ୍ତୁ ଖ୍ରୀଷ୍ଟିୟାନମାନଙ୍କୁ ପବିତ୍ର ବାଇବଲରେ ବିଭିନ୍ନ ରୂପେ ବର୍ଣ୍ଣନା କରାଯାଇଅଛି । ବିଶେଷତଃ ଖ୍ରୀଷ୍ଟିୟାନମାନଙ୍କୁ ପବିତ୍ର ବାକ୍ୟ ଏକ ସୈନିକ ସହ ତୁଳନା କରେ । ମଣ୍ଡଳୀର ଯୁଦ୍ଧ ପ୍ରବିଣତା ବିଷୟରେ ବାକ୍ୟରେ ପ୍ରାଧାନ୍ୟତା ଦିଆଯାଏ। ଉତ୍ତମ ଖ୍ରୀଷ୍ଟିୟାନମାନଙ୍କ ଅକର୍ମଣଶୀଳତା ଦ୍ୱାରା ଏହି ଜଗତରେ ପାପ ବୃଦ୍ଧି ପାଉଅଛି। ତେଣୁକରି ଏକ ସୈନିକ ଭାବେ ଅଗ୍ରସର ହେବା ନିମନ୍ତେ, ଈଶ୍ୱରଙ୍କ ବାକ୍ୟ ଆମ୍ଭମାନଙ୍କୁ ଶିକ୍ଷା ଦିଏ । ଖ୍ରୀଷ୍ଟଙ୍କ ସୈନ୍ୟଦଳର ଯୁକ୍ତ ପ୍ରତ୍ୟେକ ସୈନିକଙ୍କର ବିଭିନ୍ନ ଦାୟିତ୍ୱ ଅଛି । ଖ୍ରୀଷ୍ଟଙ୍କ ସୈନ୍ୟଦଳରେ ଥିବା ସୈନ୍ୟମାନଙ୍କୁ କିପରି ଦାୟିତ୍ୱ ଦିଆଯାଏ ।

ପ୍ରଥମେ, ଖ୍ରୀଷ୍ଟଙ୍କ ସୈନ୍ୟଦଳରେ ସ୍ୱେଚ୍ଛାରେ ଯୁକ୍ତ ହେଉ । ପରମେଶ୍ୱରଙ୍କ ଯୋଦ୍ଧା ଯିହୋଶୂୟ ଆପଣା ଜୀବନର ଶେଷବସ୍ଥାରେ, ଇଶ୍ରାଏଲ ସନ୍ତାନମାନଙ୍କୁ ପ୍ରୋତ୍ସାହିତ କରି କହିଥିଲେ, ''ଯଦିବା ସଦାପ୍ରଭୁଙ୍କୁ ସେବା କରିବା ତୁମ୍ଭମାନଙ୍କ ଦୃଷ୍ଟିରେ ମନ୍ଦ ଦିଶେ, ତେବେ ତୁମ୍ଭେମାନେ କାହାର ସେବା କରିବ, ତାହା ଆଜି ମନୋନୀତ କର; କି ନଦୀ ସେପାରିରେ ତୁମ୍ଭମାନଙ୍କ ପୂର୍ବ ପୁରୁଷମାନେ ଯେଉଁ ଇମୋରୀୟମାନଙ୍କ ଦେଶରେ ତୁମ୍ଭେମାନେ ବାସ କରୁଅଛ, ସେମାନଙ୍କ ଦେବତା ଦେବତାମାନଙ୍କୁ ସେବା କରିବ, ଏହା ମନୋନୀତ କର । ମାତ୍ର ମୁଁ ଓ ମୋହର ପରିଜନ, ଆମ୍ଭେମାନେ ସଦାପ୍ରଭୁଙ୍କୁ ସେବା କରିବା ।'' (ଯିହୋଶୂୟ ୨୪:୧୫) । ପ୍ରଭୁଯୀଶୁ, ''.....ଯେ ଇଚ୍ଛା କରେ, ସେ ବିନାମୂଲ୍ୟରେ ଜୀବନଦାୟକ ଜଳ ପାନ କରୁ ।'' (ପ୍ରକାଶିତ ୨୨:୧୭) । ଏହି ବାକ୍ୟ କହି ପ୍ରକାଶକ ସମାପ୍ତ କରିଥିଲେ । ଖ୍ରୀଷ୍ଟଙ୍କ ସୈନ୍ୟଦଳରେ ଯୋଗ ଦେବା ନିମନ୍ତେ ବାଧକତା ନାହିଁ । କିଅବା ଅନିଚ୍ଛା ବା ଅକସ୍ମାତ୍ ଯୁକ୍ତ ହେବାର ପ୍ରଶ୍ନ ଉଠେ ନାହିଁ; ତାହାଙ୍କ ସୈନ୍ୟଦଳରେ ଯୁକ୍ତ ହେବା ପ୍ରତ୍ୟେକଙ୍କ ବ୍ୟକ୍ତିଗତ, ସ୍ୱେଚ୍ଛାଧିନ ନିର୍ଣ୍ଣୟ । ଯଦିଓ ସଦାପ୍ରଭୁ ତାହାଙ୍କ ସୈନ୍ୟଦଳରେ ପ୍ରତ୍ୟେକ ଯୋଗ ଦିଅନ୍ତୁ ବୋଲି ଇଚ୍ଛା କରନ୍ତି, ତଥାପି କାହାକୁ ବାଧ କରନ୍ତି ନାହିଁ ।

ଦ୍ୱିତୀୟ, ପ୍ରଭୁ ସୈନ୍ୟଦଳର କେବଳ ଏକମାତ୍ର ଅଧିନାୟକ ଅଛନ୍ତି । ଦୁଃଖର ବିଷୟ ଏହି ଯେ, ଅନେକ ଖ୍ରୀଷ୍ଟିୟାନମାନେ ଆପଣା ସ୍ୱଇଚ୍ଛାରେ ଯାପନ କରିବା ଇଚ୍ଛା କରନ୍ତି । କିନ୍ତୁ ଯୀଶୁଖ୍ରୀଷ୍ଟ ଏକମାତ୍ର ଅଧିନାୟକ ଓ ଅନ୍ୟମାନେ ତାହାଙ୍କ ଅନୁସରଣକାରୀ । (ମାଥିଉ ୧୬:୨୪) ସେ ଆପଣା ଅନୁସରଣକାରୀମାନଙ୍କୁ ଗୌରବର ଅର୍ଥାତ୍ ସ୍ୱର୍ଗସ୍ଥ ପିତାଙ୍କ ନିକଟକୁ କଢ଼ାଇ ନିଅନ୍ତି । (ଏବ୍ରୀ ୨:୧୦, ୨ ବଂ.ବ. ୧୫:୧୨) । ଯୀଶୁଖ୍ରୀଷ୍ଟ ଏକମାତ୍ର ଅଧିନାୟକ, ପ୍ରଭୁ ଓ ରାଜା ଅଟନ୍ତି । (୧ମ ତୀମଥି ୬:୧୫) । ସେ ମଣ୍ଡଳୀର ମସ୍ତକସ୍ୱରୂପ ଅଟନ୍ତି । (କଲସୀ ୧:୧୮) । ପ୍ରଭୁଙ୍କ ବିଶ୍ୱସ୍ତ ସୈନିକମାନେ ସ୍ୱଇଚ୍ଛାରେ ତାହାଙ୍କ ବଶୀଭୂତ ଅଟନ୍ତି । (ଯାକୁବ ୪:୭)

ତୃତୀୟରେ ପ୍ରଭୁଙ୍କ ସୈନିକମାନେ ତାହାଙ୍କ ଆଜ୍ଞାବହ ଅଟନ୍ତି । ଦେଶର ସୈନିକମାନେ ଯେପରି ଅଧିନାୟକଙ୍କ ଆଜ୍ଞା ଅନୁସରଣ କରନ୍ତି, ଆତ୍ମିକ ସୈନିକମାନେ ଆତ୍ମିକ ଅଧିନାୟକଙ୍କ ଆଜ୍ଞାବହ ଅଟନ୍ତି । ଏହି ଆଜ୍ଞା ସକଳ ସୈନିକଙ୍କ ହସ୍ତସ୍ଥିତ

ପୁସ୍ତକରେ ଲିଖିତ । (୨ ତୀମଥି ୩:୧୫-୧୭) ସୈନିକମାନେ ଅଧିନାୟକଙ୍କ ଆଜ୍ଞା ପାଳନ ନ କଲେ ଘୋର ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ । ପ୍ରଭୁଙ୍କ ସୈନ୍ୟଦଳର ସୈନିକମାନେ ଅନ୍ୟ ଅଧିନାୟକଙ୍କ ଆଜ୍ଞା ଅନୁସରଣ କରନ୍ତି ନାହିଁ କି ଆଧିପତ୍ର ସ୍ୱୀକାର କରନ୍ତି ନାହିଁ । (ମାଥିଉ ୨୮:୧୮-୨୦) ଆମ୍ଭେମାନେ ଆମ୍ଭମାନଙ୍କ ଅଧିନାୟକଙ୍କ ଆଜ୍ଞା ପାଳନ କରୁ ଓ ତାହାଙ୍କ ସେବା କରୁ ।

ଶେଷରେ ପ୍ରଭୁଙ୍କ ସୈନିକମାନେ ଶତ୍ରୁ ସହିତ ସଙ୍ଗତ କନ୍ତି ନାହିଁ । ଆମ୍ଭେମାନେ ଏକ ଗୁରୁତର ଯୁଦ୍ଧ କରୁଅଛୁ । ଆମ୍ଭମାନଙ୍କ ଶତ୍ରୁ ଆମ୍ଭମାନଙ୍କୁ ପରାଜୟ କରିବା ନିମନ୍ତେ ସଦାଚେଷ୍ଟିତ । (୧ମ ପିତର ୫:୮) । ମଧ୍ୟପନ୍ଥା ନିମନ୍ତେ ସ୍ଥାନ ନାହିଁ । ଆମ୍ଭେମାନେ ସୁସ୍ଥିର ରହୁ, ଶୟତାନଙ୍କୁ ଯେଉଁମାନେ ଏହି ପଥରୁ ବିଚଳିତ ହୋଇଅଛନ୍ତି, ସେମାନଙ୍କ ଠାରୁ ଆପଣାକୁ ପୃଥକ କରୁ । (୨ ଥେସଲନୀକୀ ୩:୬) । ଏହି ଯୁଦ୍ଧର ସୈନିକମାନେ ଦୁଷ୍ଟ ଜଗତର ଅନୁରୂପୀ ହୁଅନ୍ତି ନାହିଁ । (ରୋମୀୟ ୧୨:୧-୨)

ପ୍ରିୟ ବନ୍ଧୁ, ଏହି ଆତ୍ମିକ ଯୁଦ୍ଧ ଜାରି ରହିଅଛି । ଜୀବନର ଶେଷ ପର୍ଯ୍ୟନ୍ତ ଲଢ଼ିବାକୁ ପଡ଼ିବ (ପ୍ର.ବା. ୨:୪) । ଏହି ଯୁଦ୍ଧଭୂମିରୁ ଆମ୍ଭମାନଙ୍କୁ ଛୁଟି ମିଳିବ ନାହି । (ପ୍ରେରିତ ୨:୪୨) । ପ୍ରେରିତ ପାଉଲ ଆପଣା ଜୀବନର ଶେଷବସ୍ଥାରେ ତୀମଥିଙ୍କୁ ଲେଖନ୍ତି, ''ମୁଁ ଉତ୍ତମ ଯୁଦ୍ଧରେ ପ୍ରାଣପଣ କରିଅଛି, ନିରୂପିତ ପଥର ଶେଷ ପର୍ଯ୍ୟନ୍ତ ଦୌଡ଼ିଅଛି, ମୁଁ ବିଶ୍ୱାସ ରକ୍ଷା କରିଅଛି, ଅଦ୍ୟାବଧି ମୋ ନିମନ୍ତେ ଧାର୍ମିକତାର ମୁକୁଟ ରଖାଯାଇଅଛି, ତାହା ସେହି ମହାଦିନରେ ନ୍ୟାୟବାନ ବିଚାରକର୍ତ୍ତା ପ୍ରଭୁ ମୋତେ ଦେବେ, କେବଳ ମୋତେ ନୁହେଁ, ମାତ୍ର ଯେତେ ଲୋକ ତାହାଙ୍କ ଆଗମନକୁ ପ୍ରିୟଜ୍ଞାନ କରନ୍ତି, ସେ ସମସ୍ତଙ୍କୁ ଦେବେ ।'' (୨ ତୀମଥି ୪:୭-୮) । ପାଉଲଙ୍କ ଏହି ସାକ୍ଷ୍ୟ ଆମ୍ଭମାନଙ୍କୁ ପ୍ରୋତ୍ସାହିତ କରେ । ''ଅତଏବ, ହେ ମୋହର ପ୍ରିୟ ଭାଇମାନେ, ପ୍ରଭୁଙ୍କ ସେବାରେ ତୁମ୍ଭମାନଙ୍କ ପରିଶ୍ରମ ନିଷ୍ଫଳ ନୁହେଁ, ଏହା ଜାଣି ପ୍ରଭୁଙ୍କ କାର୍ଯ୍ୟରେ ସୁସ୍ଥିର ଓ ଅଟଳ ରହି ସର୍ବଦା ଅଧିକରୁ ଅଧିକତର ଯତ୍ନବାନ ହୁଅ ।'' (୧ କରିନ୍ଥୀ ୧୫:୫୮) । ପ୍ରଭୁଙ୍କ ନାମରେ ଧନ୍ୟବାଦ ହେଉ ।

- ***Redney Nulph***

❋❋❋

**Edited & Published by : Kabita & Joshua Gootam**

The writer of book Hebrew, writes,"We have an alter,which those who serve the tebernacle has no right to eat.......(1) Therefore by him let us continually offer the sacrifice of praise to God, that is fruit of our lips,giving thanks to his name..(2).But donot forget to do good and to share, for with such sacrifice God is well pleased."(Heb 13:10-16; Matt 5:16;25:1-46;John 5:29;Acts10:2;Roman 2:8; Titus 3:14;Gal6:10;James 5:16,3John11)
(3)Roman12:2:-"I beseech you therefore my brothern ,by mercies of God,that you present your bodies a LIVING SACRIFICE, acceptable to God,which is your reasonable service".

- Kabita Gootam

## From the Writings of Paul

Paul the Servant Was ...

| | |
|---|---|
| .. separated | Rom. 1:1 |
| ... serving | Rom.1:9 |
| ... saved | Rom.1:16 |

Paul Tells Us How to Give ...

| | |
|---|---|
| Give out of your property | 2 Cor.8:2 |
| Give generously | 2 Cor 8:3 |
| Give willingly | 2 Cor 9:7 |
| Give proportionately | 2 Cor.8:12,13,14 |
| Give cheerfully | 2 Cor 9:7 |
| Give bountifully | 2 Cor 9:6 |

Paul Says to "Stand Fast"

| | |
|---|---|
| ... in the faith | 1 Cor.16:13 |
| ... in the liberty | Gal.5:1 |
| ... in the Spirit | Phil.1:27 |
| ... in the Lord | Phil.4:1 |

Paul Lists the Fruit of the Spirit
Toward God---Love,Joy,Peace
Toward Others---Long suffering, Gentleness,Goodness
Toward Myself---Faith,Meekness, Temperance Gal . 5:22,23

Paul says "In Him(Christ) We Are ..."

| | |
|---|---|
| Walking in Him | Col 2:6 |
| Rooted in Him | Col.2:7 |
| Built up in Him | Col.2:7 |
| Brought to Perfection In Him | Col.2:10 |
| Dead with Him | Col.2:20. |
| Risen With Him | Col.3:1 |
| Hidden With Him | Col.3:3 |

Paul Urged Christians to...

| | |
|---|---|
| Be Loyal to Him | 1 Thess.2:15 |
| Evangelize the world | 1 Thess 3:1 |
| Pray for His Servants | 1 Thess.3:1,2 |
| Patiently wait for Him | 1 Thess.3:5 |
| Live a holy life | 1 Thess.3;6-14 |

Paul speaks of "Good Works" in Titus

| | |
|---|---|
| A Pattern of Good works | Tit 2:7 |
| Zealous of good works | Tit 2:14 |
| Ready to every good work | Tit.3:1 |
| Careful to maintain good works | Tit.3:8 |
| Maintain good works for necessary uses | Tit.3;14 |

- Truth for Today

Write for free Bible Correspondence Course
In
*Telugu & Oriya to:*

**The Director**
Bible Correspondence Course
PO.Box.80,KAKINADA-533001.A.P

***Printed Book Only***

From :
SATYAVANI
P.O. Box 80
Kakinada - 533001

To

(FOR PRIVATE CIRCULATION ONLY)

Edited & Published by Joshua Gootam Printed by him at Satya Vani Publication, Sambamurthy St., Kakinada - 533 004